ଜିଲ୍ଲା : ଖୋର୍ଦ୍ଧା / ଭୁବନେଶ୍ୱର

କେସ୍ ନଂ : ୩୧/୧୮

.............................................................................................................................

ପକ୍ଷ : ପାର୍ବତୀ ନାୟକ

ଅପରପକ୍ଷ : ସାଗର ନାୟକ

.............................................................................................................................

କେସ୍ ପ୍ରକାର : ଯୌତୁକ ଓ ଘରୋଇ ହିଂସା ଜନିତ ଘଟଣା

.............................................................................................................................

ଦରଖାସ୍ତକାରିଣୀ ପାର୍ବତୀ ନାୟକ ତାଙ୍କ ସ୍ୱାମୀ ଓ ଶାଶୁ ଶ୍ୱଶୁରଙ୍କ ନାମରେ ଏଠାରେ ଯୌତୁକ ନିର୍ଯ୍ୟାତନା ଓ ପରିତ୍ୟାଗ ନେଇ ଅଭିଯୋଗ ଦାଖଲ କରିଛନ୍ତି । ଅଭିଯୋଗରେ ସେ ୨୦୧୭ ମସିହାରେ ସାଗରଙ୍କୁ ବିବାହ କରିଥିଲେ । ବିବାହ ଦୁଇମାସ ଭଲରେ ଚଳିବା ପରେ ସାଗର ନିଶାଦ୍ରବ୍ୟ ସେବନ କରି ଯୌତୁକ ପାଇଁ ତାଙ୍କୁ ବାଡାବାଡି କରନ୍ତି । କାହା ସହ କଥାବାର୍ତ୍ତା ହେବାକୁ ସୁଯୋଗ ଦିଅନ୍ତି ନାହିଁ । ସାଗର ପାଖରୁ ତାଙ୍କର ଏକ ପୁତ୍ରସନ୍ତାନ ଅଛି । ପୁଅ ଦୁଇମାସ ହୋଇଥିବାବେଳେ ସାଗର ତାଙ୍କ ସ୍ତ୍ରୀ ପୁଅକୁ ଶ୍ୱଶୁର ଘରେ ଛାଡି ଦେଇଥିଲେ । ପରେ ପାର୍ବତୀର ବାପା ଘରେ ଚଳିବା ଅକ୍ଷମ ଥିବାରୁ ସେ ତା' ବିଧବା ମାଉସୀ ପାଖରେ ଆଶ୍ରୟ ନେଇ ରହିଥିଲେ । କିନ୍ତୁ ସାଗର ପୁଅର କି ସ୍ତ୍ରୀର କୌଣସି ଦାୟିତ୍ୱ ନେଇନଥିଲେ ।

ଏଥିପାଇଁ ଆୟୋଗରୁ ସାଗର ଓ ତାଙ୍କ ବାପା ମା'ଙ୍କୁ ଯୋଗାଯୋଗ କରାଯାଇଥିଲା । ସେମାନେ ଅନୁପସ୍ଥିତ ରହିଥିବାରୁ ତାଙ୍କୁ Phone contact କରାଯାଇ ନ ଆସିବାର କାରଣ ପଚାରାଯାଇ ତାରିଖ ଦିଆଯାଇଥିଲା । ତାରିଖରେ ସେମାନଙ୍କ ମଧ୍ୟରେ ଆଲୋଚନା କରାଯିବାରେ ସାଗର ଓ ତାଙ୍କ ବାପା ମା' ପାର୍ବତୀ ଭଲରେ ଯାଇ ଆଉ ଫେରୁନି କହିଥିଲେ । ପାର୍ବତୀ କୁହେ ସାଗର ତାଙ୍କ ବାପା ମା କଥାରେ ପରିଚାଳିତ ହୋଇ ତାଙ୍କୁ ମାଡ ମାରେ । ଶ୍ୱଶୁର ମଧ ତାଙ୍କୁ ଗାଳି କରନ୍ତି । ପାର୍ବତୀ ଶ୍ୱଶୁର ଘର ଲୋକଙ୍କ ଅତ୍ୟାଚାରରେ ଭୟଭୀତ ବୋଲି ଏସବୁ ନେଇ ଉଭୟଙ୍କ ମଧ୍ୟରେ ଏକାଠି ମିଳାମିଶା କରିବା ନେଇ ସେମାନଙ୍କୁ ସମୟ ଦିଆଯାଇ Counselling କରାଗଲା ଏବଂ ସେମାନଙ୍କୁ ଏକାଠି ହୋଇ ଚଳିବାକୁ ପରାମର୍ଶ ଦିଆଗଲା । ଉଭୟପକ୍ଷ ଏଥିରେ ସହମତି ପ୍ରକାଶ କରିଥିଲେ ।

•

(ସ୍ନେହ-ଶ୍ରଦ୍ଧା-ଭଲପାଇବା ହିଁ ମଣିଷ ପାଇଁ ଈଶ୍ୱରଙ୍କ ଶ୍ରେଷ୍ଠ ଉପହାର ।)